No. of Printed Pages : 18

**FST-01**

# Bachelor Degree Programme (BDP)

## Term End Examination, June, 2023

## FOUNDATION COURSE IN SCIENCE & TECHNOLOGY

*Time : 3 Hours*

*Maximum Marks : 100*

ମୁଦ୍ରଣ ପୃଷ୍ଠା ସଂଖ୍ୟା : 18

**FST-01**

## ବାଚ୍‌ଲୋର୍ ଡିଗ୍ରୀ ପ୍ରୋଗ୍ରାମ୍ (BDP)

## ଟର୍ମ-ସମାପ୍ତି ପରୀକ୍ଷା ଜୁନ, 2023

## କଳା ଏବଂ ସାମାଜିକ ବିଜ୍ଞାନରେ ଫାଉଣ୍ଡେସନ୍ କୋର୍ସ

*ସମୟ : **3** ଘଣ୍ଟା*

*ସର୍ବାଧିକ ମାର୍କ : **100***

---

### ସାଧାରଣ ନିର୍ଦ୍ଦେଶାବଳୀ

1. ସମସ୍ତ ପ୍ରଶ୍ନଗୁଡିକ ବାଧ୍ୟତାମୂଳକ । ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ *1* ।
2. ପରୀକ୍ଷାହଲ୍ ଭିତରକୁ ସେଲ୍ ଫୋନ୍, କାଲ୍‌କୁଲେଟର୍, ବୁକ୍, ସ୍ଲାଇଡ୍ ରୁଲ୍‌ସ୍, ନୋଟ୍‌ବୁକ୍ କିମ୍ବା ଲେଖାଥିବା ନୋଟ୍ ଇତ୍ୟାଦି କିଛି ନିଆଯିବାର ଅନୁମତି ନାହିଁ ।
3. ପରୀକ୍ଷା ସ୍ଥଳରେ କେନ୍ଦ୍ରୀୟ ସୁପରିଟେଣ୍ଡେଣ୍ଟଙ୍କ ଏବଂ ନିରିକ୍ଷକଙ୍କ ଦ୍ୱାରା ଦିଆଯାଇଥିବା ନିର୍ଦ୍ଦେଶାବଳୀ ଅନୁସରଣ କରିବା ଉଚିତ୍ । ଯଦି ଆପଣ ନିର୍ଦ୍ଦେଶାବଳୀର ଅବମାନନା କଲେ, ଆପଣଙ୍କୁ ଅଣଯୋଗ୍ୟତାପ୍ରାପ୍ତ କରାଯିବ ।
4. କୌଣସି ପରୀକ୍ଷାର୍ଥୀ ପରୀକ୍ଷାରେ କପି କରିବା, କପି ନେବା କିମ୍ବା ଗ୍ରହଣ କରିବାରେ ସହାୟତା କରିବାରେ ଦେଖାଦେଲେ ତାଙ୍କୁ ଯୋଗ୍ୟତା ସଂପନ୍ନ କରାଯିବ ନାହିଁ ।

5. ପ୍ରଶ୍ନ ପତ୍ର ଏବଂ OMR ଉତ୍ତର ସିଟ୍ (ଉତ୍ତର ପତ୍ରିକା) ଆପଣଙ୍କୁ ନିରିକ୍ଷକଙ୍କ ଦ୍ଵାରା ଦିଆଯିବ । ପରୀକ୍ଷା ଶେଷ ହେବା କ୍ଷଣି, ପରୀକ୍ଷା ହଲ୍ ଛାଡିବା ପୂର୍ବରୁ ଆପଣ OMR ଉତ୍ତର ସିଟ୍‌କୁ ନିରିକ୍ଷକଙ୍କୁ ପ୍ରଦାନ କରିବେ । OMR ଉତ୍ତର ସିଟ୍ ପ୍ରଦାନ କରି ନଥିବା କୌଣସି ପରୀକ୍ଷାର୍ଥୀଙ୍କୁ ଯୋଗ୍ୟତା ସଂପନ୍ନ କରାଯିବ ନାହିଁ ଏବଂ ୟୁନିଭରସିଟି ତାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଜାରି ରଖିବ ।

6. ସମସ୍ତ ରଫ୍ କାର୍ଯ୍ୟ ପ୍ରଶ୍ନ ପତ୍ର ଉପରେ ହିଁ କରାଯିବ ଏବଂ ଅନ୍ୟ କୌଣସି କାଗଜ ଉପରେ ନୁହେଁ । ସ୍କ୍ରାପ୍ ପେପର୍ ନେବାର ଅନୁମତି ନାହିଁ ।ଉତ୍ତର ବାହାର କରିବା ପାଇଁ ଆପଣ ମାର୍ଜିନ୍‌ରେ କାର୍ଯ୍ୟ କରିପାରିବେ, କିଛି ଚିହ୍ନ ହେଇ କିମ୍ବା ତଳେ ଗାର ଦେଇ ଟେଷ୍ଟ ବୁକ୍‌ଲେଟ୍‌ରେ କରିପାରନ୍ତି ।

7. ଯେ କୌଣସି ପରୀକ୍ଷାର୍ଥୀ କୌଣସି ପ୍ରକାର ତ୍ରୁଟିପୂର୍ଣ୍ଣ କାର୍ଯ୍ୟକଲେ କିମ୍ବା କୌଣସି ପ୍ରକାର ଭୁଲ୍ ମାଧ୍ୟମର ପ୍ରୟୋଗ କଲେ ସେମାନଙ୍କର ଫଳାଫଳକୁ ରଦ୍ଦ କରିଦେବାର ଅଧିକାର ୟୁନିଭରସିଟି ଉପରେ ଅଧିକାର ସଂରକ୍ଷିତ ଅଛି । ଆଉ ମଧ୍ୟ ୟୁନିଭରସିଟି ସମସ୍ତ ପରୀକ୍ଷାର୍ଥୀଙ୍କ ସ୍କୋର୍ ସମାନ ଭାବରେ ବୈଧତା ଯାଞ୍ଚ କରିବାର ପ୍ରଣାଳୀ ଅବଲମ୍ବନ କରିପାରିବେ । ଯଦି କୌଣସି ପ୍ରକାର ସନ୍ଦେହର ସଂକେତ ଦେଖାଦେଲେ ଆପଣ ପରଫରମାନ୍ସ୍ ଜେନ୍ୟୁଇନ୍ ବୋଲି ମାନି ନିଆଯିବ ନାହିଁ । ୟୁନିଭରସିଟି ଆପଣ ଫଳାଫଳକୁ ବାତିଲ୍ କରିପାରନ୍ତି ।

## OMR (ଓଏମ୍ଆର୍) ଉତ୍ତର ସିଟ୍ ଉପରେ କିପରି ସୂଚନା ପୂରଣ କରିବାକୁ ହେବ

## (ପରୀକ୍ଷା ଉତ୍ତର ସିଟ୍)

1. ଆପଣଙ୍କର ପୂରା 9 ଅକ୍ଷର ବିଶିଷ୍ଟ ନାମାଙ୍କନ ନମ୍ବର ଲେଖନ୍ତୁ । OMR ଉତ୍ତର ସିଟ୍ ଆପଣଙ୍କ ଦ୍ଵାରା ଦିଆଯାଇଥିବା ନାମାଙ୍କନ ନମ୍ବରକୁ ସଠିକ୍ ବୋଲି ଧରି ନିଆଯିବ । ଆଉ ଆପଣଙ୍କ ସଠିକ ନାମ, ଠିକଣା ପିନ୍ ସହିତ ଦିଆଯାଇଥିବା ସ୍ଥାନରେ ଲେଖନ୍ତୁ ।ତାରିଖ ସହ ଆପଣ OMR (ଓଏମ୍ଆର୍) ଉତ୍ତର ସିଟ୍ ଉପରେ ଦସ୍ତଖତ କରନ୍ତୁ । ସୁନିଶ୍ଚିତ ହୁଅନ୍ତୁ ଯେ, ଆପଣଙ୍କ ପରୀକ୍ଷା ହଲ୍‌ର ନିରିକ୍ଷକ ତାରିକ ସହ ତାଙ୍କ ଦସ୍ତଖତ OMR ଉତ୍ତର ସିଟ୍ ଉପରେ ଦିଆଯାଇଥିବା ସ୍ଥାନରେ ଦେଇଛନ୍ତି ।
2. OMR (ଓଏମ୍ଆର୍) ଉତ୍ତର ସିଟ୍ ଉପରେ ଛାତ୍ରଛାତ୍ରୀମାନଙ୍କ ବିବରଣୀ ବ୍ଲୁ/ବ୍ଲାକ୍ ବଲ୍ ପେନ୍‌ରେ ହିଁ ପୂରଣ କରିବେ । ନାମାଙ୍କନ ନମ୍ବର ଏବଂ ପରୀକ୍ଷା କେନ୍ଦ୍ର କୋଡ୍ ସହିତ ପ୍ରଶ୍ନର ବିପରିତ ପାଖରେ ଦିଆଯାଇଥିବା ସଠିକ୍ ଉତ୍ତର ହେତୁ ସେଠାରେ ଥିବା ବୃତ୍ତରେ ବ୍ଲାକେନିଙ୍ଗ୍ କରିବା ପାଇଁ ବ୍ଲୁ/ବ୍ଲାକ୍ ବଲ୍ ପେନ୍ ହିଁ ବ୍ୟବହାର କରିବେ ।
3. ଏହି ସିଟ୍ କୌଣସି ପ୍ରକାର ଗାର ମାରନ୍ତୁ ନାହିଁ ।
4. ନାମାଙ୍କନ ନମ୍ବର ଏବଂ ପରୀକ୍ଷା କେନ୍ଦ୍ର କୋଡ୍ କଲମ୍‌ରେ ସଠିକ୍ ସୂଚନା ସାଖିଂକ ଭାବରେ ଲେଖନ୍ତୁ । ତା ସହିତ ଦିଆଯାଇଥିବା ବୃତ୍ତଟି ଗାଢା କଳା ଏବଂ ସଂପୂର୍ଣ୍ଣ ଭାବରେ ପୂରଣ ହୋଇଥିବା ଆବଶ୍ୟକ ।
5. ପ୍ରତ୍ୟେକ ପ୍ରଶ୍ନର ସମ୍ଭାବିତ ଉତ୍ତରଟି ଆପଣ ଚାରୋଟି ସଂଖ୍ୟା (1), (2), (3) ଏବଂ (4) ହିସାବରେ ଲେଖିବେ । ଆପଣ ପ୍ରତି ପ୍ରଶ୍ନ ପାଇଁ କେବଳ ଗୋଟିଏ ମାତ୍ର ଉତ୍ତର ଦେବେ ଯେଉଁଟିକୁ ଆପଣ ସବୁଠାରୁ ସଠିକ୍ ବୋଲି ଭାବିବେ । ସବୁଠାରୁ ଉପଯୁକ୍ତ ଉତ୍ତରଟି ଚୟନ କରନ୍ତୁ । ତାପରେ ବ୍ଲୁ/ବ୍ଲାକ୍ ବଲ୍ ପେନ୍ ବ୍ୟବହାର କରି ପ୍ରଶ୍ନର ଅନ୍ୟ ପାଖରେ ଥିବା ନମ୍ବର ଉପରେ ସଠିକ୍ ନମ୍ବର ଲେଖି ବୃତ୍ତକୁ ଗାଢା କଳା ରଙ୍ଗ କରିଦିଅନ୍ତୁ । ଯଦି ଆପଣ ତାହାର ଉତ୍ତର ମଧ୍ୟରୁ କେଉଁଟିକୁ ମଧ୍ୟ ପାଇଲେ ନାହିଁ ତେବେ ଆପଣ ‘0’ ଲେଖି ବୃତ୍ତଟି ଗାଢା କରି ଦିଅନ୍ତୁ ।
6. ଗୋଟିଏ ପ୍ରଶ୍ନ ପାଇଁ ଏକାଧିକ ଉତ୍ତର ମାନ୍ୟ ହେବ ନାହିଁ । ତେଣୁ ଆପଣ ସବୁଠାରୁ ଉପଯୁକ୍ତ ଥିବା ସଂଖ୍ୟାଟି ଲେଖିବା ପାଇଁ ଚୟନ କରିବା ଉଚିତ୍ ।
7. ଗୋଟିଏ ପ୍ରଶ୍ନ ପାଇଁ ଆପଣ ଅଧକ ସମୟ ଖର୍ଚ୍ଚ କରିବା ଉଚିତ୍ ନୁହେଁ । ଯଦି ଆପଣ କୌଣସି ସ୍ଵତନ୍ତ୍ର ପ୍ରଶ୍ନଟି କଠିନ ବୋଲି ମନେହୁଏ, ତେବେ ସେହିଟିକୁ ଛାଡି ପରବର୍ତ୍ତୀ ପ୍ରତି ଧ୍ୟାନ ଦେବା ଉଚିତ୍ । ସମସ୍ତ ପ୍ରଶ୍ନର ଉତ୍ତର ଦେଇ ସାରିବା ପରେ ଯଦି ସମୟ ବଳକା ରହେ, ତେବେ ଆପଣ ଉତ୍ତର ଦେଇ ନଥିବା ପ୍ରଶ୍ନଗୁଡିକ ଆଡକୁ ଯାଇପାରନ୍ତି ।
8. ଭୁଲ୍ ଉତ୍ତର ପାଇଁ ନେଗେଟିଭ୍ ମାର୍କିଙ୍ଗ୍ ନାହିଁ ।

1. ନିମ୍ନ ବାକ୍ୟକୁ ସଂପୂର୍ଣ୍ଣ କରିବା ପାଇଁ ଦିଆଯାଇଥିବା ବିକଳ୍ପଗୁଡିକରୁ ସଠିକ୍ ଯୋଡି ଚୟନ କରନ୍ତୁ :

"ଆବଶ୍ୟକତା ହେଉଛି ଆବିଷ୍କାରର ଜନନୀ", ଅର୍ଥାତ୍ ନିର୍ଦ୍ଦିଷ୍ଟ ସମାଜରେ ବୈଜ୍ଞାନିକ ------ ଗୁଡ଼ିକ ---- ଆବଶ୍ୟକତା ଦ୍ୱାରା ସୃଷ୍ଟି ହୋଇଥାଏ ।

(1) ସୁରକ୍ଷା, ପରିବର୍ତ୍ତନ
(2) ମଜଭୁତକରଣ, ପରିବର୍ତ୍ତନ
(3) ଆବିଷ୍କାର, ସାମାଜିକ-ଅର୍ଥନୀତିକ
(4) ଅର୍ଥବ୍ୟବସ୍ଥା, ଆବିଷ୍କାର

2. ନିମ୍ନଲିଖିତ ମଧ୍ୟରେ କେଉଁ ଶିଳ୍ପ ହେନରୀ ଫୋର୍ଡ୍ ଦ୍ୱାରା ତ୍ୱରାନ୍ୱିତ କରାଯାଇଥିଲା?

(1) ବାୟୁଯାନ
(2) ଅଟୋମୋବାଇଲ୍
(3) ପାସେଞ୍ଜର ଟ୍ରେନ୍
(4) ଜଳଜାହାଜ

3. ବିଜ୍ଞାନ ପଦ୍ଧତିରେ, ଏକ .......... ସାଧାରଣତଃ 'କାହିଁକି' ପ୍ରଶ୍ନର ଉତ୍ତର ଦେବା ପାଇଁ ସୃଷ୍ଟି କରାଯାଇଥାଏ ।

(1) ପରୀକ୍ଷା
(2) ପର୍ଯ୍ୟବେକ୍ଷଣ
(3) ପରିକଳ୍ପନା
(4) ବିଶ୍ଳେଷଣ

4. "ବିଜ୍ଞାନର ଫଳାଫଳ ସବୁବେଳେ କୌଣସି ବ୍ୟକ୍ତି ଦ୍ୱାରା, କେଉଁଠାରେ ମଧ୍ୟ ସର୍ବଦା ଚେକ୍, ଯାଞ୍ଚ୍ ଏବଂ ପୁନରାବୃତ୍ତି କରାଯାଇପାରିବ ।" ଏହି ଗୁଣ ବିଜ୍ଞାନକୁ ଏକ ----- ଲକ୍ଷଣ ପ୍ରଦାନ କରିଛି ।

(1) ଲୋକପ୍ରିୟ
(2) ସାର୍ବଜନୀନ
(3) ଭରପୁରତା
(4) ପ୍ରଭାବଶୀଳତା

5. ମାନବ ଉପସ୍ଥିତିର ପ୍ରାଚୀନ ସ୍ତର ----- ଏବଂ ------ ଚାରିପଟେ ଘୁରୁଥିଲା ।

(1) ଖାଦ୍ୟ ସଂଗ୍ରହ, ଶିକାର
(2) କୃଷି ଏବଂ ଶିକାର
(3) ଉପକରଣ ଡିଜାଇନ୍, ଶିକାର
(4) ମତ୍ସ୍ୟଧରା, କୃଷି

6. ପ୍ରାଚୀନ ଐତିହାସିକ କାଳର ପ୍ରାଚୀନ ସ୍ଥାନଗୁଡିକ ଖନନ କରି ଯେଉଁ ବୈଜ୍ଞାନିକମାନେ ପ୍ରାଚୀନ ମାନବ ସମାଜର ଅଧ୍ୟୟନ କରନ୍ତି, ସେମାନଙ୍କୁ ----- କୁହାଯାଏ ।

(1) ଆନ୍ଥ୍ରୋପୋଲୋଜିଷ୍ଟ୍
(2) ପାଲାଇଓଣ୍ଟୋଲଜିଷ୍ଟ୍
(3) ଆର୍କିଲୋଜିଷ୍ଟ୍
(4) ଜୁଲୋଜିଷ୍ଟ୍

7. ପ୍ରସ୍ତର ଉପକରଣ 'ସ୍କ୍ରାପର' ---- ପାଇଁ ବ୍ୟବହାର କରାଯାଏ ।

(1) ମାଂସ କାଟିବା
(2) କାଠକୁ ନିର୍ଦ୍ଦିଷ୍ଟ ଆକାର ଦେବା
(3) ମଲା ପଶୁମାନଙ୍କୁ କାଟିବା
(4) ହାଡ ଫଟାଇବା

8. ----- ସୂତ୍ର, ଯାହାକି ପ୍ରାୟ 600-300 B.C. ରେ ସୃଷ୍ଟି ହୋଇଥିଲା, ଜ୍ୟାମିତିକ ଉପପାଦ୍ୟ ଏବଂ ସ୍ୱୟଂସିଦ୍ଧ ସତ୍ୟର ବିସ୍ତୃତ ବର୍ଣ୍ଣନା କରିଥାଏ।

(1) ଆସ୍ୱା (2) ପରାସୁ

(3) ଚରକ (4) ସୁଲ୍ଭା

9. ଅର୍ଥଶାସ୍ତ୍ର କିଏ ଲେଖିଥିଲେ?

(1) କୌଟିଲ୍ୟ (2) ଚନ୍ଦ୍ରଗୁପ୍ତ

(3) ବ୍ରହ୍ମଦତ୍ତ (4) ଜୀବକ

10. ଋକ୍‌ବେଦ ଶ୍ଳୋକ ଅନୁସାରେ 'ତୁଳା' ଉଭିଦର କେଉଁ ଭାଗକୁ ଦର୍ଶାଏ ।

(1) ମୂଳ (2) ଶାଖା

(3) କଢ (4) କାଣ୍ଡ

11. ନିମ୍ନଲିଖିତ ମଧ୍ୟରୁ କେଉଁ ପ୍ରାଚୀନ ରଚନା ମାନବର ଶାରୀରିକ ଗଠନ, ଶରୀର ତତ୍ତ୍ୱ, ଏବଂ ଆଭ୍ୟନ୍ତରୀୟ ଅଂଗ ବିଷୟରେ ବିସ୍ତୃତ ଜ୍ଞାନ ପ୍ରଦାନ କରିଥାଏ?

(1) ଚରକ ସଂହିତା (2) ଶୁଶ୍ରୁତ ସଂହିତା

(3) ଅର୍ଥଶାସ୍ତ୍ର (4) ବୃକ୍ଷାୟୁର୍ବେଦ

12. ଗ୍ରୀକ୍ ଗାଣିତିକ ଏବଂ ଦାର୍ଶନିକଙ୍କୁ ଚିହ୍ନଅ, ଯେ କି ପାଞ୍ଚୋଟି ପ୍ରଚଳିତ ଜ୍ୟାମିତିକ କଠିନ ପଦାର୍ଥ ଆବିଷ୍କାର କରିଥିଲେ :-

(1) ଆରିଷ୍ଟୋଟଲ୍ (2) ଆଲେକ୍ଜାଣ୍ଡର୍

(3) ପିଥାଗୋରସ୍ (4) ହାଇପରଚୁସ୍

13. ---- ହେଉଛି ଏକ ବୃହତ୍ତ ବୌଦ୍ଧମଠ, ଯେଉଁଠାରେ ଜ୍ଞାନୀମାନେ ଏକାଠି ହୁଅନ୍ତି ଏବଂ ଔଷଧ, ଜ୍ୟୋତିର୍ବିଜ୍ଞାନ ଏବଂ ମାନବିକତା ଉପରେ ଜ୍ଞାନକୁ ପରସ୍ପର ମଧ୍ୟରେ ଦିଅନ୍ତି ।

(1) ନାଳନ୍ଦା (2) ଅଳକାନନ୍ଦା

(3) କାନ୍ଧର୍ (4) ମଗଧ

14. କେଉଁ ଶାସକଙ୍କ ସମୟ ଭାରତରେ ସୁବର୍ଣ୍ଣ ଯୁଗ ଭାବରେ ଜଣାଶୁଣା ଥିଲା ?

(1) ଆରବ (2) ଗୁପ୍ତ

(3) ବ୍ରିଟିଶ୍ (4) ଫ୍ରେଞ୍ଚ୍

15. 'ଭାଗ' ପ୍ରାଚୀନ ସମୟ ଧାରଣାର ଆଧୁନିକ ଏବଂ ସଠିକ୍ ଉପସ୍ଥାପନା ଚୟନ କରନ୍ତୁ :

(1) $\times$ (2) $+$

(3) $\div$ (4) $\sqrt{\phantom{x}}$

16. ସିଦ୍ଧାର୍ଥ-ସିରୋମଣି ନାମକ ପ୍ରସିଦ୍ଧ ଗାଣିତିକ-ଜ୍ୟୋତିବିଜ୍ଞାନ ପୁସ୍ତକ କିଏ ଲେଖିଥିଲେ ?

(1) ଆର୍ଯ୍ୟଭଟ୍ଟ (2) ଭାସ୍କର-II

(3) କୌଟିଲ୍ୟ (4) ବ୍ରହ୍ମଗୁପ୍ତ

17. ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ କେଉଁ ଦେଶ ଜାପାନ ଉପରେ ପରମାଣୁ ବୋମା ପକାଇଥିଲା ?

(1) ଉତ୍ତର କୋରିଆ (2) ଆମେରିକା

(3) ଜର୍ମାନୀ (4) ଫ୍ରାନ୍ସ୍

18. 1938 ରେ -----ଙ୍କ ଅଧ୍ୟକ୍ଷତାରେ ଜାତୀୟ ଯୋଜନା ଆୟୋଗ ଗଠନ କରାଯାଇଥିଲା ।

(1) ଏସ୍.ଏନ୍ ବୋଷ୍ (2) ସି.ଭି ରମଣ

(3) ଜବାହରଲାଲ୍ ନେହେରୁ (4) ଏମ୍.ଏନ୍ ଶାହା

19. 'ସୋଶାନ୍‌ଗ୍ରାଫ୍' ହେଉଛି ଏକ ଉପକରଣ ଯାହା ଜେ.ସି ବୋଷଙ୍କ ଦ୍ୱାରା ଆବିଷ୍କୃତ, ତାହା ଉଦ୍ଭିଦର ----- ଗୁଣର ଅଧ୍ୟୟନ ଭାବରେ ବ୍ୟବହୃତ ହୋଇଥାଏ ।

(1) ଜଳର ଅବଶୋଷଣ (2) ସୂର୍ଯ୍ୟାଲୋକର ଆବଶୋଷଣ

(3) $CO_2$ ର ନିର୍ଗତ (4) ମିନେରାଲ୍‌ର ଅବଶୋଷଣ

20. 1909 ରେ ବାଙ୍ଗାଲୋର୍‌ରେ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସାଇନ୍ସ୍ ପ୍ରତିଷ୍ଠା କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା କାହାର ଥିଲା ?

(1) ଜବାହରଲାଲ୍ ନେହେରୁ (2) ଜାମ୍‌ସେଦ୍ ଜି ଟାଟା

(3) ମହାତ୍ମା ଗାନ୍ଧୀ (4) ସାୟଦ୍ ଇମାଦ୍ ଅଲି

21. ------ ଡିଜାଇନ୍ କରିବା ପାଇଁ ଇଣ୍ଡକ୍‌ଟିଭ୍ ଏବଂ ଡିଡକ୍‌ଟିଭ୍ ଲଜିକ୍ ବ୍ୟବହାର କରାଯାଏ ।

(1) ପରୀକ୍ଷା (2) ପର୍ଯ୍ୟବେକ୍ଷଣ

(3) ପରିକଳ୍ପନା (4) ଫଳାଫଳ

22. 'ବିଜ୍ଞାନ ପଦ୍ଧତି'ର ଉପଯୁକ୍ତ କ୍ରମ ଚୟନ କରନ୍ତୁ :-

(1) ବିଶ୍ଳେଷଣ → ପରିକଳ୍ପନା → ପର୍ଯ୍ୟବେକ୍ଷଣ → ପରୀକ୍ଷା

(2) ପରିକଳ୍ପନା → ବିଶ୍ଳେଷଣ → ପର୍ଯ୍ୟବେକ୍ଷଣ → ପରୀକ୍ଷା

(3) ପରୀକ୍ଷା → ପରିକଳ୍ପନା → ପର୍ଯ୍ୟବେକ୍ଷଣ → ବିଶ୍ଳେଷଣ

(4) ପର୍ଯ୍ୟବେକ୍ଷଣ → ପରିକଳ୍ପନା → ପରୀକ୍ଷା → ବିଶ୍ଳେଷଣ

23. ବୈଜ୍ଞାନିକ ଜ୍ଞାନର ପ୍ରବୃତି ସଂପର୍କରେ ନିମ୍ନଲିଖିତ ମଧ୍ୟରୁ କେଉଁ ମନ୍ତବ୍ୟଟି ସତ୍ୟ ଅଟେ ?

(1) ବିଜ୍ଞାନ ହେଉଛି ଏକ ଗତିଶୀଳ ବର୍ତ୍ତମାନରେ ଚାଲୁ ରହିଥିବା ପ୍ରଣାଳୀ

(2) ବିଜ୍ଞାନ ହେଉଛି ସ୍ୱୟଂ-ସିଦ୍ଧକାରୀ

(3) ଉଭୟ (1) ଏବଂ (2)

(4) କେବଳ (1)

24. ଏସିଆ ଏବଂ ଉତ୍ତର ଆଫ୍ରିକାର ଆଧୁନିକ ଭୂଗୋଳର ପ୍ରତିଷ୍ଠା କିଏ କରିଥିଲେ ?

(1) ଆରବ (2) ଆମେରିକୀୟ

(3) ବ୍ରିଟିଶ୍ (4) ଋଷିଆ

25. ------ ସୁଲ୍ତାନେତ୍ ର ସ୍ଥାପନା ମଧ୍ୟଯୁଗୀୟ ଭାରତରେ ବିଜ୍ଞାନର ବିକାଶକୁ ପ୍ରଭାବିତ କରିଥିଲା ।

(1) ବଙ୍ଗଳା (2) ମାଡ୍ରାସ୍

(3) ଦିଲ୍ଲୀ (4) କାଶ୍ମୀର

26. ସମ୍ରାଟ୍ ବାହାଦୁର ଶାହଙ୍କର ପ୍ରୋତ୍ସାହନତା ଅନ୍ତର୍ଗତ ଦିଲ୍ଲୀ ଏବଂ ଜୟପୁରରେ କିଏ ଗ୍ରହନକ୍ଷତ୍ର ପର୍ଯ୍ୟବେକ୍ଷଣ କେନ୍ଦ୍ର ସ୍ଥାପନ କରିଥିଲେ ?

(1) ଆକବର (2) ରାଜା ଜୟ ସିଂ

(3) ଅବଦୁଲ୍ ଫଜଲ୍ (4) ଜାହାଙ୍ଗୀର

27. ସଠିକ୍ ଯୋଡିକୁ ଚୟନ କର :-

(1) ଆଇଜାକ୍ ନିଉଟନ୍ - ବଲ୍ବ୍ (2) ଗାଲିଲିଓ ଗାଲିଲେଇ - ମାଧ୍ୟାକର୍ଷଣ

(3) ୱିଲିୟମ୍ ହାର୍ଭେ - ରକ୍ତ ପ୍ରବାହ (4) ଜନ୍ ନେପିଅର୍ - ଦୁରଦର୍ଶନ

28. ନିମ୍ନଲିଖିତ ମଧ୍ୟରୁ କେଉଁ ବିଜ୍ଞାନଗତ ଉଦ୍ଭାବନ ମଧ୍ୟଯୁଗରେ ସାମୁଦ୍ରିକ ଜଳଯାତ୍ରାକୁ ପ୍ରଭାବିତ କରିଥିଲା ?

(1) କଂପାସ୍ (2) ୱିଣ୍ଡମିଲ୍

(3) ୱାଟରମିଲ୍ (4) ଗନ୍‌ପାୱାର୍

29. ପରଫ୍ୟୁମ୍‌ର ବିଶୁଦ୍ଧିକରଣ ସମ୍ବନ୍ଧରେ ସଠିକ୍ ମନ୍ତବ୍ୟଟି ଚୟନ କରନ୍ତୁ :-

(1) ଆରବମାନେ ୟୁରୋପୀୟମାନଙ୍କଠାରୁ ଶିଖିଥିଲେ (2) ଚୀନ୍‌ମାନେ ଋଷିଆମାନଙ୍କଠାରୁ ଶିଖିଥିଲେ

(3) ୟୁରୋପୀୟମାନେ ଆରବମାନଙ୍କଠାରୁ ଶିଖିଥିଲେ (4) ଆରବମାନେ ଭାରତୀୟମାନଙ୍କଠାରୁ ଶିଖିଥିଲେ

30. ପୃଥିବୀ ଏବଂ ଅନ୍ୟ ଗ୍ରହ ନିଜ ନିଜ ଅକ୍ଷ ଚାରିପଟେ ଆବର୍ତ୍ତନ ଏବଂ କେନ୍ଦ୍ର ସ୍ଥାନରେ ଥିବା ସୂର୍ଯ୍ୟ ଚାରିପଟେ ସେମାନଙ୍କର ପରିକ୍ରମଣ ବିଷୟରେ କିଏ ସ୍ପଷ୍ଟ ଏବଂ ବିସ୍ତୃତ ବର୍ଣ୍ଣନା କରିଥିଲେ ?

(1) ଆଲେକ୍ଜାଣ୍ଡାର୍ ଫ୍ଲେମିଂ
(2) ଗାଲିଲିଓ ଗାଲିଲେଇ
(3) ଜିଓର୍ଡାନୋ ବ୍ରୁନୋ
(4) ନିକୋଲସ୍ କୋପରନିକସ୍

31. ନିମ୍ନଲିଖିତ ମଧ୍ୟରୁ କିଏ ଆଣବିକ ତତ୍ତ୍ୱର ପ୍ରସ୍ତାବ ଦେଇଥିଲେ ?

(1) ଜନ୍ ଡାଲ୍ଟନ୍
(2) ଜୋସେଫ୍ ପ୍ରିଷ୍ଟଲେ
(3) ଚାର୍ଲ୍ସ୍ ଡରୱିନ୍
(4) ଆରିଷ୍ଟୋଟଲ୍

32. ଗ୍ରୀକ୍‌ରେ 'ପ୍ଲାନେଟ୍'ଶବ୍ଦର ସଠିକ୍ ଅର୍ଥ ଚୟନ କରନ୍ତୁ :

(1) ରାଉଣ୍ଡ୍
(2) ଅଣ୍ଡାକୃତି
(3) ଦିଗବିହୀନ ଗତି
(4) ଗତିଶୀଳ

33. ଗ୍ରହିକ ପଥର ଆକାର କିପରି ?

(1) ବୃତ୍ତାକାର
(2) ଅର୍ଦ୍ଧବୃତ୍ତ
(3) ଚେପ୍‌ଟା
(4) ଅଣ୍ଡାକୃତି

34. ଏକ ଆଲୋକ ବର୍ଷ କହିଲେ ------- :

(1) ଏକ ବର୍ଷରେ ଆଲୋକ ଉତ୍ପାଦନ ହୁଏ
(2) ଆଲୋକ ଦ୍ୱାରା ଏକ ବର୍ଷରେ ଭ୍ରମଣ ହେଉଥିବା ଦୂରତା
(3) ସୂର୍ଯ୍ୟ ଏବଂ ପୃଥିବୀ ମଧ୍ୟରେ ଦୂରତା
(4) ସୂର୍ଯ୍ୟ ଏବଂ ଚନ୍ଦ୍ର ମଧ୍ୟରେ ଦୂରତା

35. ଜୀବାଣୁକୁ ମାରିବା ପାଇଁନିମ୍ନଲିଖିତ ମଧ୍ୟରୁ କେଉଁ ବିକିରଣ ବ୍ୟବହାର କରାଯାଏ ?

(1) ଇନ୍‌ଫ୍ରାରେଡ୍
(2) ରାଡିଓତରଙ୍ଗ
(3) ଅତି ବାଇଗଣୀ
(4) ଗାମା ରଶ୍ମି

36. ଆଲୋକ-ବିଦ୍ୟା ମହାକାଶ ବିଜ୍ଞାନ ସଂପର୍କରେ ସଠିକ୍ ମନ୍ତବ୍ୟ ଚୟନ କରନ୍ତୁ :

(1) ମହାକାଶରୁ ଲାଇଟ୍ ସଂଗ୍ରହ ଏବଂ ଅନୁସନ୍ଧାନ କରିବାର ଏକ ପଦ୍ଧତି
(2) ସ୍ୱର୍ଗ ବିଷୟରେ ଜାଣିବାର ଏକ ପଦ୍ଧତି
(3) ରେଡିଓ ତରଙ୍ଗ ମାଧ୍ୟମରେ ମହାକାଶୀୟ ପଦାର୍ଥର ଅଧ୍ୟୟନ କରିବାର ଏକ ପଦ୍ଧତି
(4) ଉଭୟ (1) ଏବଂ (3)

37. ନକ୍ଷତ୍ରମାନଙ୍କର ଫିଙ୍ଗରପ୍ରିଣ୍ଟ୍ କରିବା ସଂପର୍କରେ ସଠିକ୍ ମନ୍ତବ୍ୟ ଚୟନ କରନ୍ତୁ

(1) ଏହା ହେଉଛି ଏକ ଲକ୍ଷଣଗତ ସ୍ପେକ୍ଟ୍ରମ୍

(2) ନକ୍ଷତ୍ର କେଉଁ ପ୍ରକାର ଉପାଦାନରେ ଗଠିତ ଆମେ ଜାଣିପାରିବା

(3) ନକ୍ଷତ୍ରର ବେଗ ଆମେ ବିଶ୍ଳେଷଣ କରିପାରିବା

(4) ଉପରୋକ୍ତ ସମସ୍ତ

38. ----- ହେଉଛି ଏକ ବଡ ନକ୍ଷତ୍ରର ବିସ୍ଫୋରଣ ଯାହାକି ଅଗଣିତ ଶକ୍ତି ନିର୍ଗତ କରିଥାଏ ।

(1) ନ୍ୟୁଟ୍ରୋନ୍ ଷ୍ଟାର୍

(2) ଅଲ୍ଟ୍ରାନୋଭା

(3) ସୁପରନୋଭା

(4) ରେଡ୍ ଜିଆଣ୍ଟ୍

39. କ୍ରମବର୍ଦ୍ଧିତ ଦୁରତା ଅନୁସାରେ ସୂର୍ଯ୍ୟଙ୍କଠାରୁ ପଞ୍ଚମ ଗ୍ରହଟିକୁ ଚିହ୍ନନ୍ତୁ :-

(1) ମଙ୍ଗଳ

(2) ବୃହସ୍ପତି

(3) ୟୁରାନସ୍

(4) ପୃଥିବୀ

40. ସ୍ତର ଯାହାକି ସୂର୍ଯ୍ୟଙ୍କର ଦୃଶ୍ୟମାନ ପୃଷ୍ଠ ଗଠନ କରେ ତାକୁ ------ କୁହାଯାଏ :-

(1) ଫୋଟୋସ୍ଫିଅର୍

(2) ଟ୍ରୋପୋସ୍ଫିଅର୍

(3) ଲିଥୋସ୍ଫିଅର୍

(4) ଷ୍ଟ୍ରାଟୋସ୍ଫିଅର୍

41. ବାୟୁମଣ୍ଡଳରେ କେଉଁ ସ୍ତରରେ ଓଜୋନ୍ ରହିଥାଏ ? -

(1) ଟ୍ରୋପୋସ୍ଫିଅର୍

(2) ଲିଥୋସ୍ଫିଅର୍

(3) ଷ୍ଟ୍ରାଟୋସ୍ଫିଅର୍

(4) ଉଭୟ (1) ଏବଂ (2)

42. ଆକାଶରେ ଦେଖାଯାଉଥିବା ଆଲୋକର ଝଲକମାଳାକୁ ---- କୁହାଯାଏ ।

(1) ନକ୍ଷତ୍ରପୁଞ୍ଜ

(2) ଉଲ୍କା

(3) ଷ୍ଟାର୍ ଷ୍ଟ୍ରେମ୍

(4) ଛାୟାପଥ

43. କିଏ ପ୍ରମାଣ କରିଥିଲେ ଯେ, ଜୀବନ୍ତ ଜୈବିକ ପଦାର୍ଥ ଆପେ ଆପେ ସୃଷ୍ଟି ହୁଏ ନାହିଁ ?

(1) ଆରିଷ୍ଟୋଟଲ୍

(2) ଫ୍ରେଡେରିକ୍ ଗ୍ରୀଫିଥ୍

(3) ଲୁଇସ୍‌ପାଷ୍ଟର

(4) ଆଲେକ୍ଜାଣ୍ଡାର୍ ଫ୍ଲେମିଂ

44. ନିମ୍ନଲିଖିତ ପ୍ରାଣୀମାନଙ୍କ ମଧ୍ୟରୁ ମେରୁଦଣ୍ଡୀ ପ୍ରାଣୀଟିକୁ ଚୟନ କରନ୍ତୁ :

(1) ବେଙ୍ଗ

(2) ମାଛି

(3) ଘରଚଟିଆ

(4) ହାତୀ

45. 'ସାଇବରନେଟିକ୍ସ' ବିଷୟରେ ନିମ୍ନଲିଖିତ ମନ୍ତବ୍ୟ ମଧ୍ୟରୁ କେଉଁଟି ସଠିକ୍ ?

(1) ଇଣ୍ଟରନେଟ୍ ବିଷୟରେ ଅଧ୍ୟୟନ
(2) ଅନ୍‌ଲାଇନ୍ କ୍ରାଇମ୍ ବିଷୟରେ ଅଧ୍ୟୟନ
(3) ସୂଚନା ଏବଂ ନିୟନ୍ତ୍ରଣ ବିଷୟରେ ଅଧ୍ୟୟନ
(4) ଅନ୍‌ଲାଇନ୍ ଚୋରୀ ବିଷୟରେ ଅଧ୍ୟୟନ

46. ଆମ ଶରୀରରେ ଜଳ ଅବଶୋଷଣ କେଉଁ ହରମୋନ୍ ନିୟନ୍ତ୍ରଣ କରିଥାଏ ?

(1) ଆଣ୍ଟି-ଡିୟୁରେଟିକ୍ ହର୍ମୋନ୍
(2) ଇନ୍‌ସୁଲିନ୍
(3) ଥାଇରୋକ୍ସିନ୍
(4) ଇପିନେଫ୍ରାଇନ୍

47. 1859 ରେ ପ୍ରସିଦ୍ଧ ପୁସ୍ତକ 'ଦି ଅରିଜିନ୍ ଅଫ୍ ସ୍ପେସିସ୍' କିଏ ଲେଖିଥିଲେ?

(1) ଲାମାର୍କ୍
(2) ଚାର୍ଲସ୍ ଡାର୍‌ୱିନ୍
(3) ଆରିଷ୍ଟୋଟଲ୍
(4) ଗ୍ରେଗର ମେଣ୍ଡଲ୍

48. ଜେନେଟିକ୍ ଦୂରତା ଉପରେ ଆଧାର କରି କେଉଁ ପ୍ରାଣୀ ମାନବ ସହିତ ସବୁଠାରୁ ଅଧିକ ସଂପର୍କିତ :

(1) ଓରାଙ୍ଗୁଟାନ୍
(2) ଗରିଲା
(3) ଶିମ୍ପାଞ୍ଜୀ
(4) ଗୀବୋନ୍

49. ଜୀବାଶ୍ମର ବୟସ ଅନୁମାନ କରିବା ପାଇଁ ---- ପଦ୍ଧତି ବ୍ୟବହାର କରାଯାଇଥାଏ ।

(1) ରାଡିଓକାର୍ବନ୍ ହ୍ରାସ
(2) ରାଡିଓକାର୍ବନ୍ ଗଣନା
(3) ରାଡିଓକାର୍ବନ୍ ନିର୍ଗତ
(4) ରାଡିଓକାର୍ବନ ବିସାରଣ

50. ଜୀବଜଗତର ଉତ୍ପାଦକ ସମ୍ବନ୍ଧରେ ନିମ୍ନଲିଖିତ ମଧ୍ୟରୁ କେଉଁ ଯୋଡିଟି ଠିକ୍ ?

(1) ଠେକୁଆ ଏବଂ ଛେଳି
(2) ସାଇନୋବ୍ୟାକ୍‌ଟେରିଆ ଏବଂ ଆଲ୍‌ଗେ
(3) ଶାଗୁଆ ଏବଂ ସାପ
(4) ହରିଣ ଏବଂ ବତକ

51. ଦିଆଯାଇଥିବା ସମୀକରଣରେ ଦିଆଯାଇନଥିବା ରିଅକ୍‌ଟାଣ୍ଟ୍ ଏବଂ ପ୍ରଡକ୍ଟ୍ କୁ ଚିହ୍ନାନ୍ତୁ ।

କାର୍ବନ୍ ଡାଇଅକ୍ସାଇଡ୍ + ...... ? .... + ସୌର ଶକ୍ତି + ମିନେରାଲ୍ $\rightarrow$ ଖାଦ୍ୟ +..... ? .......

(1) ଅମ୍ଳଜାନ, ମିଥେନ୍
(2) ଆର୍ଦ୍ରତା, ଅକ୍ସିଜେନ୍
(3) ଜଳ, ଅମ୍ଳଜାନ
(4) ମାଇଟୋକଣ୍ଡ୍ରିଆ, ଅମ୍ଳଜାନ

52. ଜଳଚକ୍ର ସଂପର୍କରେ ନିମ୍ନଲିଖିତ ମଧ୍ୟରୁ କେଉଁଟି ସତ୍ୟ ଅଟେ ?

(1) ବାଷ୍ପୀୟକରଣ ଏବଂ ଶୀତଳୀକରଣ ଭଳି ଭୌତିକ ପ୍ରଣାଳୀ ଗୁରୁତ୍ୱପୂର୍ଣ୍ଣ ଅଟେ ?
(2) ଜଳଚକ୍ର ମୁଖ୍ୟତଃ ସୂର୍ଯ୍ୟଙ୍କର ତାପଶକ୍ତି ଦ୍ୱାରା ନିୟନ୍ତ୍ରିତ
(3) ଏହା ଜଳରେ ବାସ କରୁଥିବା ପ୍ରାଣୀମାନଙ୍କୁ ସଂପୃକ୍ତ କରେ
(4) ଉଭୟ (1) ଏବଂ (2)

53. ଶିମ୍ବଜାତୀୟ ଉଦ୍ଭିଦର କେଉଁ ଭାଗରେ ନାଇଟ୍ରୋଜେନ୍ ଫିକ୍ସିଙ୍ଗ୍ ବ୍ୟାକ୍ଟେରିଆ ରହିଥାଏ ?

(1) କାଣ୍ଡ (2) ମୂଳ

(3) ପତ୍ର (4) ଫୁଲ

54. ତିମି ଏବଂ ସ୍କ୍ୱିଡ୍ ପରି ଗଭୀର ସାଗର ପ୍ରାଣୀ ମଧ୍ୟରେ କେଉଁ ଉପାଦାନ ମିଳିଥାଏ ?

(1) କାଲ୍‌ସିଅମ୍ (2) ଜିଙ୍କ୍

(3) ମିକା (4) ସିଲିକା

55. ----- ହେଉଛି ଏକ କମ୍ବଳ ଯାହା ପୃଥିବୀକୁ ଦିନରେ ଗରମ ଏବଂ ରାତିରେ ଥଣ୍ଡା ହେବାରୁ ରକ୍ଷା କରିଥାଏ ।

(1) ଅମ୍ଳଜାନ (2) ଯବକ୍ଷାରଜାନ

(3) ଓଜୋନ୍ (4) ବାୟୁମଣ୍ଡଳ

56. କେଉଁ ଆନ୍ଦୋଳନ ଉଦ୍ଭିଦ ସଂରକ୍ଷଣ ପାଇଁ ପ୍ରସିଦ୍ଧ ?

(1) ଦାଣ୍ଡି ଯାତ୍ରା (2) ଚିପ୍‌କୋ ଆନ୍ଦୋଳନ

(3) କୃଷକ ଆନ୍ଦୋଳନ (4) ମାନବ ଅଧିକାର ଆନ୍ଦୋଳନ

57. ପୃଥିବୀର ସବୁଠାରୁ ବୃହତ୍ତମ ଇକୋସିଷ୍ଟମ୍ ଚୟନ କରନ୍ତୁ:-

(1) ମହାସାଗର (2) ଜଙ୍ଗଲ

(3) ମରୁଭୂମୀ (4) ପର୍ବତ

58. ନିମ୍ନଲିଖିତ ମଧ୍ୟରୁ କେଉଁଟି ଏକ ବାଇଓଡିଗ୍ରେଡିବୁଲ୍ ପ୍ରଦୁଷକ?

(1) ପଲିବ୍ୟାଗ୍ (2) କୀଟନାଶକ

(3) ପ୍ରାଣୀ ନଷ୍ଟପଦାର୍ଥ (4) ନ୍ୟୁକ୍ଲିଅର୍ ନଷ୍ଟ ପଦାର୍ଥ

59. ଅଟୋମୋବାଇଲ୍ ନିମ୍ନଲିଖିତ ମଧ୍ୟରୁ କେଉଁ ଜୈବ କଂପାଉଣ୍ଡ୍ କୁ ନିର୍ଗତ କରିଥାଏ ?

(1) ହାଇଡ୍ରୋକାର୍ବନ୍ (2) ପୋଲିଅନ୍‌ସାଚୁରେଟେଡ୍ ଏସିଡ୍

(3) ପୋଲିଷ୍ଟାର୍ (4) ମିଥେନ୍ ଡିମରସ୍

60. ନିମ୍ନଲିଖିତ କେଉଁ ରାସାୟନିକ ପଦାର୍ଥଟି ଓଜୋନ୍ ସ୍ତର ହ୍ରାସ କରିବା ପାଇଁ ଦାୟୀ ?

(1) ଲିକ୍ୱିଡ୍ ମିଥେନ୍ (2) କ୍ଲୋରୋଫ୍ଲୋରୋକାର୍ବନ୍

(3) ଲିକ୍ୱିଡ୍ ଯବକ୍ଷାରଜାନ (4) ଶିଳ୍ପୀୟ ଅମ୍ଳଜାନ

61. 1984ରେ ହୋଇଥିବା ଭୋପାଳ ଦୁର୍ବିପାକ ପାଇଁ ଦାୟୀଥିବା କୀଟନାଶକ ନିର୍ମାଣ କଂପାନୀକୁ ଚୟନ କରନ୍ତୁ ।

(1) ସାଇଙ୍ଗେଷ୍ଟା (2) ନାଗାର୍ଜୁନ

(3) ୟୁନିଅନ୍ କାର୍ବାଇଡ୍ (4) ବାୟର୍

62. ନିମ୍ନଲିଖିତ ମଧ୍ୟରୁ କେଉଁଟି ଏକ ନବୀକରଣ ଯୋଗ୍ୟ ଉତ୍ସ?

(1) ଜଳ ଜୀବ (2) ମିନେରାଲ୍ ଏକାଠି ହେବା

(3) ଜଙ୍ଗଲ (4) ଗ୍ରାସ୍‌ଲ୍ୟାଣ୍ଡ୍

63. ନିମ୍ନଲିଖିତ ମଧ୍ୟରୁ କେଉଁଟି ଏକ ସୌର ଜଳ ଉତ୍ତାପ ୟୁନିଟ୍‌ର ଏକ ଉପାଦାନ ନୁହେଁ ?

(1) ମିରର୍ (2) ଷ୍ଟିମ୍ ଟର୍ବାଇନ୍

(3) ବ୍ଲୋଅର୍ (4) ଇଲେକ୍‌ଟ୍ରିକ୍ ଜେନେରେଟର୍

64. ରିଆକ୍‌ଟର୍ ଦ୍ୱାରା କେଉଁ ପ୍ରକାରର ଶକ୍ତି ଉତ୍ପନ୍ନ ହୋଇଥାଏ ?

(1) ପରମାଣୁ ଶକ୍ତି (2) ସୌର ଶକ୍ତି

(3) ଜିଓଥର୍ମାଲ୍ ଶକ୍ତି (4) ତରଙ୍ଗ ଶକ୍ତି

65. ସ୍ୱଳ୍ପ ଜଣାଶୁଣା ତରଙ୍ଗ ଦୈର୍ଘ୍ୟର ରାଡିଓଆକ୍‌ଟିଭ୍ ତରଙ୍ଗ -------- ରଶ୍ମି ଭାବରେ ଜଣାଶୁଣା ।

(1) ଆଲ୍‌ଫା (2) ବିଟା

(3) ଗାମା (4) X

66. ଭାରତରେ ସୌର ଶକ୍ତି ବ୍ୟବହାର କରି ସମୁଦ୍ର ଜଳର ନିଷ୍କାସନ ବିଷୟରେ ସଠିକ୍ ଯୋଡି ଚୟନ କରନ୍ତୁ :-

(1) ଆଗ୍ରା-ଉତ୍ତରପ୍ରଦେଶ (2) ଅନନ୍ତପୁର-ଆନ୍ଧ୍ରପ୍ରଦେଶ

(3) ଚୁରୁ-ରାଜସ୍ଥାନ (4) ବାଙ୍ଗାଲୁରୁ-କର୍ଣ୍ଣାଟକ

67. ନିମ୍ନଲିଖିତ ମଧ୍ୟରୁ କେଉଁ ପ୍ରକାର ମାଟିର ସର୍ବାଧିକ ଉତ୍ପାଦନ ସମ୍ଭାବନା ରହିଛି ?

(1) ପଟୁମାଟି (2) କୃଷ୍ଣମୃତ୍ତିକା

(3) ଲୋହିତ ମୃତ୍ତିକା (4) ମାଟିଆ ମୃତ୍ତିକା

68. ହରପ୍ପା ସମୟରେ ବୃହତ୍ତ ଶସ୍ୟାଗାରଗୁଡିକ ----- ପାଇଁ ବ୍ୟବହାର କରାଯାଏ

(1) ଶସ୍ୟ ପ୍ରୋସେସ୍ କରିବା ପାଇଁ (2) ଶସ୍ୟ ଉତ୍ପାଦ କରିବା ପାଇଁ

(3) ଶସ୍ୟ ସଂରକ୍ଷଣ କରିବା ପାଇଁ (4) ଉଭୟ (1) ଏବଂ (2)

69. ଉଦ୍ଭିଦ ସହିତ ଉପଯୁକ୍ତ ଢାଞ୍ଚା ଏବଂ ଆବଶ୍ୟକୀୟ ଭୌତିକ ଏବଂ ଜୈବ ରାସାୟନିକ ଲକ୍ଷଣକୁ----- କୁହାଯାଏ ।

(1) ଆଇସୋଟାଇପ୍ସ୍ (2) ଇଡିଓଟାଇପ୍ସ୍

(3) ନିଓଟାଇପ୍ସ୍ (4) ଇପିଟାଇପ୍ସ୍

70. "LRA 5166" ହେଉଛି ----- ହାଇବ୍ରିଡ୍ ପ୍ରକାର :

(1) ଆଖୁ (2) ତେଲମଞ୍ଜି

(3) ଆଳୁ (4) କପା

71. 'ରିଲେ କ୍ରପିଙ୍ଗ୍' ସିଷ୍ଟମ୍ ସମ୍ବନ୍ଧରେ ସଠିକ୍ ବିକଳ୍ପଟି ଚୟନ କରନ୍ତୁ :-

(1) ଏକ କ୍ଷେତରେ ଏକତ୍ର ବୁଣାଯାଇଥିବା ସୁସଙ୍ଗତ ଫସଲ (2) ପୂର୍ବ ଫସଲ ଅମଳ ପୂର୍ବରୁ ବୁଣାଯାଇଥିବା ଫସଲ

(3) ଏକୀକୃତ କୀଟନାଶକ ପରିଚାଳନା କରାଯାଏ ନାହିଁ (4) ଉଭୟ (1) ଏବଂ (3)

72. ଚାଷର ସ୍ଲାସ୍ ଏବଂ ବର୍ଣ୍ଣ ପଦ୍ଧତି ହେଉଛି ---- ଅଞ୍ଚଳରେ ମୃତ୍ତିକାର ଗୁଣବତ୍ତା ଖରାପ ହେବାର ମୁଖ୍ୟ କାରଣ ।

(1) ପାହାଡିଆ (2) ଗ୍ରାସଲ୍ୟାଣ୍ଡ୍

(3) ମରୁଭୂମୀ (4) ତ୍ରିକୋଣଭୂମି

73. ନିମ୍ନଲିଖିତ ମଧ୍ୟରୁ କେଉଁ ପ୍ରଣାଳୀଟି ଫୁଲ, ମଞ୍ଜି ଉତ୍ପାଦନ ଏବଂ ସେମାନଙ୍କର ଅଙ୍କୁର ପର୍ଯ୍ୟାୟ ଦେଇ ନ ଯାଇ ପ୍ରଜନନ ପ୍ରକାର ପାଇବାକୁ ସକ୍ଷମ କରେ ।

(1) ଫର୍ମେଣ୍ଟେସନ୍ (2) ପ୍ଲାଣ୍ଟ୍ ଟିସ୍ୟୁ କଲ୍ଚର

(3) କସିଙ୍ଗ୍ ଓଭର (4) ହାଇବ୍ରିଡାଇଜେସନ୍

74. ଅଳ୍ପ ସମୟ ମଧ୍ୟରେ ଏକ ବହୁଳ ପରିମାଣରେ ପେଡିଗ୍ରୀ ପ୍ରାଣୀ ଉତ୍ପନ୍ନ କରିବାର ବୃହତ୍ତ ସୁବିଧା ପ୍ରଦାନ କରିବା ସଠିକ୍ ଟେକ୍ନୋଲୋଜିକୁ ଚୟନ କରନ୍ତୁ:-

(1) ହାଇବ୍ରିଡୋମା ଟେକ୍ନୋଲୋଜି (2) ବ୍ଲଟିଙ୍ଗ୍ ଟେକ୍ନିକ୍

(3) ଏମ୍ବ୍ରୋ-ଟ୍ରାନ୍ସ୍ଫର୍ ଟେକ୍ନୋଲୋଜି (4) ରିକମ୍ବିନାଣ୍ଟ୍ DNA ଟେକ୍ନୋଲୋଜି

75. ଆମର ଚାଷ ଯୋଗ୍ୟ ନଷ୍ଟ ଜମି ଏବଂ ଗ୍ରାମଗୁଡିକର ରାସ୍ତା କଡରେ ବହୁତ ପରିମାଣର ବୃକ୍ଷରୋପଣ ଦ୍ୱାରା ନିମ୍ନଲିଖିତ ମଧ୍ୟରୁ କେଉଁ ସମସ୍ୟାର ସମାଧାନ ହୋଇପାରିବ ?

(1) ପବନ ଶକ୍ତି ଏବଂ ସୌରଶକ୍ତିର ଉପଯୋଗୀତା ବୃଦ୍ଧିପାଇବ

(2) ଅନ୍ୟସ୍ଥାନରୁ ଉଡି ଆସୁଥିବା ଚଢେଇମାନଙ୍କର ପିଲା ଦେବା ଘରର ଅଭାବ ହେବ

(3) ଦ୍ରୁତ ଭାବରେ ଜଙ୍ଗଲ ଏବଂ ମୃତ୍ତିକା କ୍ଷୟର ହ୍ରାସ ହେବାକୁ ନିୟନ୍ତ୍ରଣ କରିବା

(4) ପୋଖରୀରେ ଆସୁଥିବା ଜଳକୁ ସଂରକ୍ଷଣ କରିବା

76. ମୁଖ୍ୟତଃ ଖଣିଜ ପଦାର୍ଥ ପୁଷ୍ଟିକାରକ ପ୍ରଦାନ କରୁଥିବା ଖାଦ୍ୟ ପଦାର୍ଥଟିକୁ ଚିହ୍ନଟ କରନ୍ତୁ

(1) ମଟର (2) ମସଲା

(3) ଆଳୁ (4) ଘିଅ

77. ଉଦ୍ଭିଦ ପୁଷ୍ଟିସାରର ଭରପୁର ଉତ୍ସ ହେଉଛି ----

(1) ଶସ୍ୟ (2) ପାଳଙ୍ଗ

(3) ସୋୟାବିନ୍ (4) ଫୁଲକୋବି

78. ଜଳରେ ଦ୍ରବୀଭୂତ ଭିଟାମିନ୍ ଯାହା ଆଇରନ୍ ଅବଶୋଷଣ କରେ, ତାହାକୁ ଚିହ୍ନଟ କରନ୍ତୁ

(1) ଭିଟାମିନ୍ A (2) ଭିଟାମିନ୍ D

(3) ଭିଟାମିନ୍ $B_2$ (4) ଭିଟାମିନ୍ C

79. ସେମାନଙ୍କ ଏନର୍ଜୀ ମୂଲ୍ୟ ସହ ସଠିକ୍ ଯୋଡିକୁ ଚୟନ କରନ୍ତୁ :

(1) କାର୍ବୋହାଇଡ୍ରେଟ୍ ର 4 g - ଉତ୍ତାପର 12 କ୍ୟାଲୋରୀ

(2) ଫ୍ୟାଟ୍ 4 g - ଉତ୍ତାପର 36 କ୍ୟାଲୋରୀ

(3) ପ୍ରୋଟିନ୍ 4 g - ଉତ୍ତାପର 45 କ୍ୟାଲୋରୀ

(4) ପେଟ୍ରୋଲ୍ର 4 g - ଉତ୍ତାପର 80 କ୍ୟାଲୋରୀ

80. ଥାଇରଏଡ୍ ବୃଦ୍ଧି ହେଲେ କେଉଁ ରୋଗ ହୋଇଥାଏ ?

(1) ଗଳଗଣ୍ଡ (2) ପେଲେଗ୍ରା

(3) ରିକେଟ୍ (4) ମାରାସ୍ମସ୍

81. ନିମ୍ନଲିଖିତ ମଧ୍ୟରୁ କେଉଁଟି ଗୋଟିଏ ଅଣ-ସଂକ୍ରମକ ରୋଗ :-

(1) ପ୍ଲେଗ୍ (2) ଇନ୍‌ଫ୍ଲୁଏନ୍‌ଜା

(3) AIDS (4) କର୍କଟ

82. ନିମ୍ନଲିଖିତ ମଧ୍ୟରୁ କେଉଁ ରୋଗଟି ବ୍ୟାକ୍‌ଟେରିଆ ଦ୍ୱାରା ହୋଇ ନଥାଏ ?

(1) ଯକ୍ଷ୍ମା (2) ଆନ୍ଥ୍ରାକ୍ସ

(3) AIDS (4) ପ୍ଲେଗ୍

83. ବାୟୁବାହୀତ ସଂକ୍ରମଣ ଦ୍ୱାରା ବ୍ୟାପୁଥିବା ରୋଗଟିକୁ ଚୟନ କରନ୍ତୁ:

(1) ଇନ୍‌ଫ୍ଲୁଏନ୍‌ଜା (2) ଟାଇଫଏଡ୍

(3) ସାଇଫିଲିସ୍ (4) ମ୍ୟାଲେରିଆ

84. ------ ହେଉଛି ଏକ କୃତ୍ରିମ ପ୍ରତିଷେଧକର ପଦ୍ଧତି

(1) ଟ୍ୟୁବୋକ୍‌ଟୋମୀ (2) ଥାମେକ୍‌ଟୋମୀ

(3) ଟିକାକରଣ (4) ହାଇଷ୍ଟେରେକ୍‌ଟୋମୀ

85. ମୋଟର ନ୍ୟୁରୋନ୍ ସଂମ୍ବନ୍ଧରେ କେଉଁ ମନ୍ତବ୍ୟଟି ସଠିକ୍ ଚୟନ କରନ୍ତୁ :-

(1) ସ୍ନାୟୁ ପଦ୍ଧତିରୁ ମାଂସପେଶୀକୁ ସିଗ୍‌ନାଲ୍ ପ୍ରେରଣ କରେ

(2) ମାଂସପେଶୀରୁ ସ୍ନାୟୁ ପଦ୍ଧତିକୁ ସିଗ୍‌ନାଲ୍ ପ୍ରେରଣ କରେ

(3) ଇନ୍ଦ୍ରୀୟରୁ ମସ୍ତିଷ୍କକୁ ସିଗ୍‌ନାଲ୍ ନେଇଥାଏ

(4) ଚାରିପାଖରେ ଥିବା ନ୍ୟୁରୋନ୍‌ରୁ ଗ୍ରହଣ କରାଯାଇଥିବା ସମ୍ବେଦନଶୀଳ ସୂଚନା ର ପ୍ରଣାଳୀ

86. ------ହେଉଛି ମସ୍ତିଷ୍କର ବୃହତ୍ତମ ଅଂଶ

(1) ସେରେବେଲମ୍ (2) ସେରେବ୍ରମ୍

(3) ମେଡୁଲ୍ଲା (4) ମଧ୍ୟ ମସ୍ତିଷ୍କ

87. 'ସରଳ ପ୍ରତିଫଳନ' ବିଷୟରେ କେଉଁ ମନ୍ତବ୍ୟଟି ସଠିକ୍ :-

(1) ଏହା ଜନ୍ମଗତ ଏବଂ ଶିଖିହେବ ନାହିଁ (2) ଏହା ଶିଖିହେବ କିନ୍ତୁ ଜନ୍ମଗତ ନୁହେଁ

(3) ଏହା ଜଣେ ବ୍ୟକ୍ତି ବିଶେଷଙ୍କ ଅଧିନରେ ନିୟନ୍ତ୍ରିତ (4) ଏହା ଅତି ସହଜରେ ଭୁଲି ହୋଇଯାଏ

88. କେଉଁ ଗ୍ରନ୍ଥି ଇନ୍‌ସୁଲିନ୍ ଉତ୍ପାଦନ କରେ?

(1) ଯକୃତ (2) ଥାଇରଏଡ୍

(3) ପିଟିଉଟାରୀ (4) ପାନ୍‌କ୍ରିଜ୍

89. ନ୍ୟୁରୋଟ୍ରାସ୍‌ମିଟରଗୁଡିକ------ ଦ୍ୱାରା ନିର୍ଗତ ହୋଇଥାଏ

(1) ଡେଣ୍ଡ୍ରିଟ୍‌ସ୍ (2) ଅକ୍ସନ୍

(3) ସାଇନାପ୍‌ଜ୍ (4) ଉଭୟ (1) ଏବଂ (3)

90. ପାଓଲଭ୍ ଙ୍କ ପରୀକ୍ଷା ସମ୍ବନ୍ଧରେ କେଉଁ ମନ୍ତବ୍ୟଟି ସଠିକ୍ ଚୟନ କରନ୍ତୁ :-

(1) ବ୍ୟସ୍ତତା ପ୍ରମାଣ କରିବାର ମଡେଲ୍ (2) ଚିନ୍ତା ପ୍ରମାଣ କରିବାର ମଡେଲ୍

(3) ଉତ୍ସାହ ଏବଂ ପ୍ରତିକ୍ରିୟା ପ୍ରମାଣ କରିବାର ମଡେଲ୍ (4) ସ୍ମୃତି ଏବଂ ପ୍ରତିକ୍ରିୟା ପ୍ରମାଣ କରିବାର ମଡେଲ୍

91. ଚାରୋଟି ଜିନିଷ ଯେପରିକି -ମେମୋରୀ, ରିଜିନିଂ, ଆନାଲିସିସ୍ ଏବଂ ସିନ୍ଥେସିସ୍ ହେଲା କାହାର ଅଂଶ :-

(1) ସୃଷ୍ଟିକରଣ (2) ଜ୍ଞାନ

(3) ଶିକ୍ଷଣ (4) ଉତ୍ସାହ

92. ଜଣେ ବ୍ୟକ୍ତି ତାଙ୍କ କାର୍ଯ୍ୟ ପରିବେଶର ଦକ୍ଷତାର ଅଧ୍ୟୟନକୁ ---- କୁହାଯାଏ :

(1) ଇର୍ଗୋନୋମିକ୍ସ୍ (2) ପ୍ରୋଟେଓନୋମିକ୍ସ

(3) ଇକୋନୋମିକ୍ସ୍ (4) ଜିନୋମିକ୍ସ

93. ବିଜ୍ଞାନ ଏବଂ ବୈଷୟିକ ଔଦ୍ୟୋଗିକରଣ ପାର୍କସ୍ (STEP) ସମ୍ବନ୍ଧରେ ସଠିକ୍ ମନ୍ତବ୍ୟ ଚୟନ କରନ୍ତୁ :-

(1) ନୂଆ ଟେକ୍ନୋଲୋଜି ସୃଷ୍ଟି କରିବାରେ ସାହାଯ୍ୟ କରେ

(2) ନୂଆ ଟେକ୍ନୋଲୋଜି ପରୀକ୍ଷା କରିବାରେ ସାହାଯ୍ୟ କରେ

(3) ନୂଆ ଟେକ୍ନୋଲୋଜି ପ୍ରମୋସନ୍ କରିବାରେ ସାହାଯ୍ୟ କରେ

(4) ନୂଆ ଟେକ୍ନୋଲୋଜି ମାର୍କେଟିଂ କରିବାରେ ସାହାଯ୍ୟ କରେ

94. ----- ର ଅର୍ଥ ହେଉଛି ଯୋଜନା, ସମନ୍ୱୟ, ଶିକ୍ଷା, ଏବଂ ଅନୁସନ୍ଧାନ ମାଧ୍ୟମରେ ଆମର ନିଜର ଦକ୍ଷତା ବିକାଶ

(1) ଗଣତନ୍ତ୍ର (2) ଲାଇବ୍ରେରୀ

(3) ଆତ୍ମ-ନିର୍ଭରଶୀଳତା (4) ସ୍ୱାଧିନତା

95. ନ୍ୟୁଟ୍ରୋନ୍ ରିଆକ୍ଟରରେ ନ୍ୟୁଟ୍ରୋନ୍‌କୁ ତଳକୁ ଖସାଉଥିବା ପଦାର୍ଥଟି ହେଉଛି -------

(1) ମଡରେଟର୍ (2) ଅବଜରଭର

(3) ଇନ୍‌ଡ୍ୟୁସର୍ (4) ଷ୍ଟିମୁଲେଟର

96. ନିମ୍ନଲିଖିତ ମଧ୍ୟରୁ କେଉଁଟି ଏକ ଇନ୍‌ପୁଟ୍ ଡିଭାଇସ୍ ?

(1) ମାଉସ୍ (2) କୀବୋର୍ଡ୍

(3) ମାଇକ୍ (4) ମନିଟର

97. ଟାଟା ଆଇରନ୍ ଏବେ ଷ୍ଟିଲ୍ କଂପାନୀ ------ ରେ ଅବସ୍ଥିତ

(1) ଭିଲାଇ (2) ଜାମ୍‌ସେଦ୍‌ପୁର

(3) ବିଶାଖାପାଟଣା (4) ବୋକାରୋ

98. ନିମ୍ନଲିଖିତ ମଧ୍ୟରୁ କେଉଁ ପ୍ରୋଗ୍ରାମଟି ଇଂଜିନିୟରମାନଙ୍କୁ ସେମାନଙ୍କ ପ୍ରସ୍ତାବିତ କାର୍ଯ୍ୟ କଂପ୍ୟୁଟରରେ ଡିଜାଇନ୍ ଏବଂ ପରୀକ୍ଷା କରିବାରେ ସକ୍ଷମ କରିଥାଏ?

(1) ଅପରେଟିଙ୍ଗ୍ ସିଷ୍ଟମ୍ (2) ଅଫିସ୍ ସୁଟ୍

(3) କଂପ୍ୟୁଟର ସହାୟିତ ଡିଜାଇନ୍ (4) କ୍ଲାଉଡ୍ ସର୍ଭିସେସ୍

99. ନିମ୍ନଲିଖିତ ମଧ୍ୟରୁ କିଏ 'ସ୍ୱଦେଶୀ ଆନ୍ଦୋଳନ' ଆରମ୍ଭ କରିଥିଲେ ?

(1) ଜବାହରଲାଲ୍ ନେହେରୁ (2) ମହାତ୍ମା ଗାନ୍ଧୀ

(3) ଚନ୍ଦ୍ରଶେଖର ଆଜାଦ୍ (4) ସରୋଜିନୀ ନାଇଡୁ

100. ଫାଇବର ଗ୍ଲାସ୍ ସମ୍ବନ୍ଧରେ ସଠିକ୍ ମନ୍ତବ୍ୟ ଚୟନ କରନ୍ତୁ :-

(1) ଆଲୁମିନିଅମ୍‌ଠାରୁ ହାଲୁକା, ଷ୍ଟିଲ୍‌ଠାରୁ ଟାଣ (2) ଷ୍ଟିଲ୍‌ଠାରୁ ହାଲୁକା ଆଲୁମିନିଅମ୍‌ଠାରୁ ଟାଣ

(3) ଫର୍ଣ୍ଣିଚର ତିଆରି କରିବାରେ ବ୍ୟବହାର କରାଯାଇପାରିବ (4) ଉଭୟ (1) ଏବଂ (3)